# ପାଶ୍ଚାତ୍ୟ ଜଗତରେ ସ୍ୱାମୀ ବିବେକାନନ୍ଦ

ସୌରୀବଂଧୁ କର

ସ୍ୱାମୀ ବିବେକାନନ୍ଦ ଧର୍ମ ମହାସଭାରେ ଯୋଗଦେବା ଉଦ୍ଦେଶ୍ୟରେ ଆମେରିକାର ଚିକାଗୋ ମହାନଗରୀଠାରେ ଉପସ୍ଥିତ ହେଲେ । ସମୁଦ୍ରତୁଲ୍ୟ ମିଚିଗନ୍ ହ୍ରଦ କୂଳରେ ଚିକାଗୋ ସହରରେ ବିଶ୍ୱମେଳା ପାଇଁ ସମାଗମ ଥିଲା ବ୍ୟାପକ । କିନ୍ତୁ ସମସ୍ତେ ଥିଲେ ତାଙ୍କ ପାଇଁ ଅପରିଚିତ । ଅଜଣା ସହରରେ ଅପରିଚିତ ଲୋକର ଅବସ୍ଥା ଯାହା ହୁଏ, ତାହା ହିଁ ଘଟିଲା ସ୍ୱାମୀଜୀଙ୍କ କ୍ଷେତ୍ରରେ । ସେ ଅଗତ୍ୟା ଏକ ହୋଟେଲରେ ଆଶ୍ରୟ ଗ୍ରହଣ କଲେ । ପ୍ରଥମେ ସେ ଚିକାଗୋରେ ବାରଦିନ ଅବସ୍ଥାନ କରିଥିଲେ । ସେ ମେଳା ବୁଲି ଦେଖିବା ବେଳେ ଅତ୍ୟନ୍ତ ଚମତ୍କୃତ ହେଲେ ଯେ, ମନୁଷ୍ୟର ପ୍ରଗାଢ଼ ଉଦ୍ୟମ ଏବଂ କଳ୍ପନା ଶକ୍ତିର ପରିପ୍ରକାଶ ଥିଲା ଏହି ମେଳା । ଏହା ଦେଖାଯାଇଛି ଯେ ଯେଉଁମାନେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି, ସେମାନଙ୍କୁ ସଂକଟ ମଧ୍ୟଦେଇ ଯିବାକୁ ହୋଇଥାଏ । ସେ ଧର୍ମସଭା ସମ୍ପର୍କରେ ଜାଣିବା ପାଇଁ ମେଳା ସ୍ଥାନକୁ ଗଲେ । ସେଠାରେ ସୂଚନା କେନ୍ଦ୍ରରେ ପଚାରିବା ପରେ ଜଣାପଡ଼ିଲା ଯେ ଧର୍ମ ମହାସଭାର ଅଧିବେଶନ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ହେଉନାହିଁ । ପୁନଶ୍ଚ ସେ ଜାଣିବାକୁ ପାଇଲେ ଯେ ଉପଯୁକ୍ତ ପ୍ରମାଣପତ୍ର ନଥିଲେ କାହାରିକୁ ଧର୍ମ ମହାସଭାରେ ପ୍ରତିନିଧି ଭାବରେ ଗ୍ରହଣ କରାଯିବ ନାହିଁ । ସ୍ୱାମୀଜୀ ତାଙ୍କୁ ପଠାଇଥିବା ତାଙ୍କର ଭକ୍ତମାନଙ୍କର ଏହା ଥିଲା ଧାରଣାର ବାହାରେ । ଏ ସମ୍ପର୍କରେ ଭଗିନୀ ନିବେଦିତା ଲେଖିଛନ୍ତି, ‘‘ସେହି ଲୋକମାନ (ଭକ୍ତମାନେ)ଙ୍କର ଅସୀମ ଶ୍ରଦ୍ଧା ହେତୁ ସେମାନଙ୍କ ମନରେ କେବେହେଲେ ଏ ଚିନ୍ତା ପ୍ରବେଶ କରି ନଥିଲା ଯେ ମନୁଷ୍ୟ ଜାତି ପାଇଁ ଯାହା ଅସମ୍ଭବ, ତାହା ସମ୍ଭବ ହୋଇପାରିବ । ସେମାନେ ଭାବିଥିଲେ ବିବେକାନନ୍ଦ କେବଳ ସେଠାରେ ପହଞ୍ଚିଗଲେ ତାଙ୍କୁ ସମସ୍ତ ସୁଯୋଗ ମିଳିଯିବ । ତାଙ୍କର ଶିଷ୍ୟମାନଙ୍କ ପରି ସ୍ୱାମୀଜୀ ମଧ୍ୟ ସଂସାରର ଯାବତୀୟ ନୀତି ନିୟମ ସମ୍ପର୍କରେ ଥିଲେ ଅଜ୍ଞ । ସେ ଯେତେବେଳେ ଭାବିନେଲେ ଯେ ଏହି କାର୍ଯ୍ୟ ପାଇଁ ଈଶ୍ୱରଙ୍କ ଦ୍ୱାରା ସେ ଅଭିପ୍ରେରିତ, ସେତେବେଳେ ତାଙ୍କ ମାର୍ଗରେ କୌଣସି ବାଧା ବା ପ୍ରତିବନ୍ଧକ ନାହିଁ । ହିନ୍ଦୁ ଧର୍ମର ପ୍ରତିନିଧି ଭାବରେ ଆସି ଯେତେବେଳେ ସେ ବିଶ୍ୱର ଶକ୍ତି ଓ ଐଶ୍ୱର୍ଯ୍ୟର ଗନ୍ତାଘରର ଦ୍ୱାର ନିକଟରେ ଉପସ୍ଥିତ ହେଲେ, ସେତେବେଳେ ତାଙ୍କ ନିକଟରେ କୌଣସି ପରିଚୟ ପତ୍ର ନ ଥିଲା କିମ୍ବା କେହି ସେସମ୍ପର୍କରେ ତାଙ୍କୁ କହିଥିଲା । ସେ ସମୟର ହିନ୍ଦୁ ସମାଜର ସଂଗଠନହୀନତାର ଏହା ଥିଲା ପ୍ରକୃଷ୍ଟ ପ୍ରମାଣ ।’’

ସେତେବେଳକୁ ତାଙ୍କ ନିକଟରେ ଥିବା ଅର୍ଥ ଖର୍ଚ୍ଚ ହେବାକୁ ଲାଗିଥାଏ । ଆର୍ଥିକ ସଂକଟ ଏବଂ ଧର୍ମ ମହାସଭାରେ ପ୍ରତିନିଧି ଭାବରେ ଯୋଗଦେବା ନେଇ ସଂଶୟ ହେତୁ ଚିନ୍ତିତ ସ୍ୱାମୀଜୀ ୨ ଅଗଷ୍ଟ ୧୮୯୩ରେ ଆଲସିଙ୍ଗା ପେରୁମଲଙ୍କ ନିକଟକୁ ଗୋଟିଏ ଚିଠି ଲେଖିଥିଲେ । ସେ ସେଥିରେ ଲେଖିଥିଲେ, ‘‘ଏଠାରେ ଦୈନିକ ହେଉଥିବା ଖର୍ଚ୍ଚ ମୋ ପାଇଁ ଅତ୍ୟଧିକ । ତୁମର ମନେଥିବ ତୁମେ ମୋତେ ୧୭୦ ପାଉଣ୍ଡର ନୋଟ୍ ଏବଂ ୯ ପାଉଣ୍ଡ ନଗଦ ଦେଇଥିଲ । ବର୍ତ୍ତମାନ ମାତ୍ର

୧୩୦ ପାଉଣ୍ଡ ଅଛି । ପ୍ରତିଦିନ ଅତିକମ୍‌ରେ ଗୋଟିଏ ପାଉଣ୍ଡ ଖର୍ଚ୍ଚ ହେଉଛି । ଏଠାରେ ଗୋଟିଏ ସିଗାରେଟ୍‌ର ଦାମ୍ ଆମର ସେଠାକାର ଆଠଅଣା ସହିତ ସମାନ । ଆମେରିକା ଲୋକମାନେ ଏତେ ଧନୀ ଯେ ସେମାନେ ପାଣିପରି ପଇସାକୁ ଖର୍ଚ୍ଚ କରୁଛନ୍ତିଏବଂ ଆଇନ୍ କରି ସବୁ ପଦାର୍ଥର ଦରଦାମ ଏତେ ଅଧିକ ରଖିଛନ୍ତି ଯେ, ଦୁନିଆର କୌଣସି ରାଷ୍ଟ୍ର କୌଣସି ଭାବରେ ମଧ ତାଙ୍କ ସ୍ଥାନରେ ପହଞ୍ଚି ପାରିବ ନାହିଁ । ...ଏଠାକୁ ଆସିବା ପୂର୍ବରୁ ମୁଁ ଯେଉଁ ସୁନେଲୀ ସ୍ୱପ୍ନ ଦେଖୁଥିଲି, ବର୍ତ୍ତମାନ ତାହା ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଛି । ଏଠାରେ ମୋତେ ଅତ୍ୟନ୍ତ ବିଷମ ପରିସ୍ଥିତି ମଧ୍ୟରେ ଯୁଦ୍ଧ କରିବାକୁ ହେଉଛି । ଶହ ଶହ ଥର ଇଚ୍ଛା ହେଲାଣି ଯେ ଏ ଦେଶରୁ ଫେରିଯିବି । କିନ୍ତୁ ମୁଁ ଦୃଢ଼ ସଂକଳ୍ପ ଏବଂ ମୋତେ ଈଶ୍ୱରଙ୍କର ଆଦେଶ ପ୍ରାପ୍ତ ହୋଇଛି । ମୋତେ ରାସ୍ତା ଦେଖାଯାଉ ନାହିଁ ତ ଠିକ୍ ଅଛି, କିନ୍ତୁ ତାଙ୍କ (ଈଶ୍ୱରଙ୍କ) ଚକ୍ଷୁ ତ ସବୁ କିଛି ଦେଖୁଛି । ମୁଁ ମରେ ବା ବଞ୍ଚିକି ରୁହେ, ମୋର ଉଦ୍ଦେଶ୍ୟ ପ୍ରତି ଅଟଳ ରହିବି ।''

ଚିକାଗୋ ସହରରେ ଖର୍ଚ୍ଚ ଅତ୍ୟଧିକ ଦେଖି, ସେ ବୋଷ୍ଟନ୍ ଯିବାକୁ ସ୍ଥିର କଲେ । ଶ୍ରୀଯୁକ୍ତ ଲାଲୁ ଭାଇ ତାଙ୍କ ସହିତ ବୋଷ୍ଟନ ପର୍ଯ୍ୟନ୍ତ ଯାତ୍ରା କରିଥିଲେ ଏବଂ ତାଙ୍କର ପରିଚୟ ମିସ୍ କ୍ୟାଥରିନ୍ ଏବର୍ଟ ସାନବର୍ଣ୍ଣଙ୍କ ସହିତ ହୋଇଥିଲା । ମିସ୍ କ୍ୟାଥରିନ୍ ମାସାଚୁସେଟସ୍ ପ୍ରଦେଶର ବ୍ରିଜମେଡ଼ୋଜ୍ କୃଷିକ୍ଷେତ୍ରର ମାଲିକାଣୀ ଥିଲେ । ତାଙ୍କ ସହିତ ସାକ୍ଷାତ ସମ୍ପର୍କରେ ସ୍ୱାମୀଜୀ ଲେଖିଥିଲେ, 'ବର୍ତ୍ତମାନ ମୁଁ ବୋଷ୍ଟନ ନିକଟସ୍ଥ ଗୋଟିଏ ଗ୍ରାମରେ ଜଣେ ବୃଦ୍ଧ ମହିଳାଙ୍କ ଅତିଥି । ତାଙ୍କ ସହିତ ରେଳଗାଡ଼ିରେ ଅଚାନକ ଭେଟ ହେଲା । ସେ ମୋତେ ତାଙ୍କ ଘରେ ଆସି ରହିବାକୁ ନିମନ୍ତ୍ରଣ କଲେ । ସେଠାରେ ରହିବା ପରେ ମୋର ଏତିକି ସୁବିଧା ହେଲା ଯେ, ପ୍ରତ୍ୟେକ ଦିନ ମୋର ଖର୍ଚ୍ଚ ହେଉଥିବା ୧ ପାଉଣ୍ଡ ବଞ୍ଚିଗଲା ଏବଂ ତାଙ୍କର ଲାଭ ହେଲା ଯେ ସେ ତାଙ୍କର ବନ୍ଧୁମାନଙ୍କୁ ଡାକି ଭାରତରୁ ଆସିଥିବା ଏକ ବିଚିତ୍ର ଜନ୍ତୁକୁ ଦେଖାଇଲେ ।'

ଯଦିଓ ସ୍ୱାମୀଜୀ ତାଙ୍କୁ ବୃଦ୍ଧା ବୋଲି ଉଲ୍ଲେଖ କରିଛନ୍ତି ମାତ୍ର ମିସ୍ ସାନବର୍ଣ୍ଣ ଥିଲେ ପ୍ରୌଢ଼ା ଏବଂ ସମାଜରେ ଜଣେ ବକ୍ତା ଓ ଲେଖିକା ଭାବରେ ତାଙ୍କର ପ୍ରସିଦ୍ଧି ଥିଲା । ତାଙ୍କ ସାହାଯ୍ୟରେ ସ୍ୱାମୀଜୀ ଆମେରିକାର ଶିକ୍ଷିତ ଓ ପ୍ରତିଷ୍ଠିତ ସମାଜ ମଧ୍ୟରେ ପ୍ରବେଶ କଲେ । ତାଙ୍କ ସାହାଯ୍ୟରେ ସେ ପ୍ରଫେସର ଡକ୍ଟର ରାଇଟ୍‌ଙ୍କ ସହିତ ପରିଚିତ ହେଲେ, ଯାହାଫଳରେ ସେ ଧର୍ମ ମହାସଭାରେ ପ୍ରତିନିଧି ଭାବରେ ଯୋଗ ଦେବାର ସୁଯୋଗ ଲାଭ କଲେ । ସ୍ୱାମୀଜୀ ତାଙ୍କ ସହିତ ଯାଇ ବୋଷ୍ଟନ ମହିଳା କ୍ଲବ ଓ ଅନ୍ୟସ୍ଥାନରେ ଭାଷଣ ଦେଇଥିଲେ । ସ୍ୱାମୀଜୀଙ୍କ ସମ୍ପର୍କରେ 'ବୋଷ୍ଟନ ଇଭିନିଂ ଟ୍ରାନ୍ସକ୍ରିପ୍ଟ' ୨୦ ଅଗଷ୍ଟ ସଂଖ୍ୟାରେ ଲେଖିଥିଲା, ଭାରତରୁ ଆସିଥିବା ବ୍ରାହ୍ମଣ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଆସନ୍ତା ମାସ ଚିକାଗୋରେ ହେବାକୁ ଥିବା ଧର୍ମ ମହାସଭାରେ ଯୋଗ ଦେବା ପାଇଁ ଏ ଦେଶକୁ ଆସିଛନ୍ତି, ଗତକାଲି ସେ କାଂକର୍ଡ଼ର ଶ୍ରୀଯୁକ୍ତ ଏଫ୍.ବି. ସେନ୍‌ବର୍ଣ୍ଣଙ୍କ ସହିତ ବୋଷ୍ଟନକୁ ଆସିଥିଲେ ।

ଶ୍ରୀଯୁକ୍ତ ଫ୍ରେଙ୍କାଲିନ ବେଞ୍ଜାମିନ୍ ସେନବର୍ଣ୍ଣ ମିସ୍ କେଟେ ସେନବର୍ଣ୍ଣଙ୍କର ମାଉସୀପୁଅ ଭାଇ ଥିଲେ । ପ୍ରଥମେ ସେ ଏହି ହିନ୍ଦୁ ସନ୍ନ୍ୟାସୀଙ୍କୁ ଅବିଶ୍ୱାସ ଦୃଷ୍ଟିରେ ଦେଖିଲେ ମାତ୍ର ବ୍ରିଜ୍ ମେଡ଼ୋଜରେ କଥାବାର୍ତ୍ତା କରିବା ପରେ ତାଙ୍କର ପରିବର୍ତ୍ତନ ହେଲା । ଶ୍ରୀଯୁକ୍ତ ସେନବର୍ଣ୍ଣ ସାମ୍ବାଦିକ, ଲେଖକ ଓ ପରୋପକାରୀ ଥିଲେ ଏବଂ ମହତ୍ ଉଦ୍ଦେଶ୍ୟରେ ସ୍ଥାପିତ ସଭା ସମିତିର ପୃଷ୍ଠପୋଷକ ଥିଲେ । ସେ ବିଭିନ୍ନ କାରଣରୁ ବୋଷ୍ଟନ ସମାଜର ବିଶେଷ ସମ୍ମାନିତ ବ୍ୟକ୍ତି ଥିଲେ ।

୨୦ ଅଗଷ୍ଟ ଚିଠିରେ ସ୍ୱାମୀଜୀ ଏହା ମଧ ଉଲ୍ଲେଖ କରିଥିଲେ, 'ମନେରଖ, ଏହା ଖ୍ରୀଷ୍ଟିୟାନ୍ ରାଷ୍ଟ୍ର ଏବଂ ଏଠାରେ ଅନ୍ୟକୌଣସି ଧର୍ମ ବା ମତର ପ୍ରଭାବର କୌଣସି ମୂଲ୍ୟ ନାହିଁ । ସଂସାରର କୌଣସି ମତବାଦ ପ୍ରତି ମୋର ସାମାନ୍ୟ ମାତ୍ର ଭୟ ନାହିଁ । ଏଠାରେ ମୁଁ ମେରୀଙ୍କର ପୁତ୍ର (ଯୀଶୁ)ଙ୍କ ସନ୍ତାନଙ୍କ ଗହଣରେ ବାସ କରୁଅଛି । ପ୍ରଭୁ ଯୀଶୁ ମୋର ସହାୟତା କରିବେ । ଆଉ ଗୋଟିଏ କଥା, 'ଏହି ଲୋକମାନେ ମୋର ହିନ୍ଦୁ ଧର୍ମ ସମ୍ବନ୍ଧୀୟ

ଉଦାର ମତ ଏବଂ ନାଜରଥ ଅବତାରଙ୍କ ପ୍ରତି ପ୍ରେମ ଦେଖି ବହୁତ ଆକୃଷ୍ଟ ହେଉଛନ୍ତି । ମୁଁ ସେମାନଙ୍କୁ କହୁଛି ଏହି ମହାପୁରୁଷଙ୍କ ବିରୁଦ୍ଧରେ ମୋର କିଛି କହିବାର ନାହିଁ, କେବଳ ଏତିକି ମାତ୍ର ଯେ ଯେପରି ଆପଣମାନେ ଯୀଶୁଙ୍କୁ ମାନୁଛନ୍ତି, ତା' ସହିତ ସେହିପରି ଭାବରେ ଭାରତୀୟ ମହାପୁରୁଷଙ୍କୁ ମାନିବା ଦରକାର । ଏକଥା ସେମାନେ ଅତ୍ୟନ୍ତ ଆଗ୍ରହର ସହିତ ଶୁଣୁଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ମୋର କାର୍ଯ୍ୟ କେବଳ ଏତିକି ମାତ୍ର ହୋଇଛି ଯେ ଲୋକମାନେ ମୋ ବିଷୟରେ କିଛି ଜାଣିଲେଣି ଏବଂ ଆଲୋଚନା କଲେଣି । ଏଠାରେ ଏହିପରି ଭାବରେ କାର୍ଯ୍ୟ ଆରମ୍ଭ କରିବାକୁ ହେବ ।'

'ଗତକାଲି ମହିଳା ବନ୍ଦୀଶାଳାର ଅଧ୍ୟକ୍ଷା ଶ୍ରୀମତୀ ଜନ୍‌ସନ୍ ଏଠାକୁ ଆସିଥିଲେ । ଏଠାରେ ଏହା ବନ୍ଦୀଶାଳା ନୁହେଁ ସୁଧାରଗୃହ କହନ୍ତି । ଆମେରିକାରେ ମୁଁ ଯେଉଁ ଅଦ୍ଭୁତ ପଦାର୍ଥ ଦେଖିଥିଲି, ତାହା ମଧ୍ୟରେ ଏହା ହେଉଛି ଗୋଟିଏ ଆଶ୍ଚର୍ଯ୍ୟଜନକ ବସ୍ତୁ । ବନ୍ଦୀମାନଙ୍କ ସହିତ କିପରି ସହୃଦୟତାର ସହିତ ବ୍ୟବହାର କରାଯାଏ, କିପରି ସେମାନଙ୍କର ଚରିତ୍ରରେ ସଂଶୋଧନ ଅଣାଯାଏ ଏବଂ ସେମାନେ ଜେଲରୁ ମୁକୁଳି ସମାଜରେ ଉପଯୁକ୍ତ ବ୍ୟକ୍ତି ଭାବରେ ଗଣା ହୁଅନ୍ତି, ଏହା ସବୁ ଅତ୍ୟନ୍ତ ଅଦ୍ଭୁତ । କେତେ ସୁନ୍ଦର ! ...ଏସବୁ ଦେଖିକରି ଯେତେବେଳେ ମୁଁ ନିଜ ଦେଶକଥା ଚିନ୍ତା କଲି, ମୋର ହୃଦୟ ବ୍ୟତିବ୍ୟସ୍ତ ହୋଇଉଠିଲା । ଭାରତବର୍ଷରେ ଦରିଦ୍ର, ପତିତ ଏବଂ ସାଧାରଣ ଲୋକମାନଙ୍କ ସମ୍ପର୍କରେ କ'ଣ ଆମ୍ଭେମାନେ ଚିନ୍ତା କରୁଛେ ? ସେଥିପାଇଁ କୌଣସି ସମୟ ନାହିଁ କିମ୍ବା ଚିନ୍ତା କରିବାର କୌଣସି ଅବକାଶ କିମ୍ବା ଉନ୍ନତି କରିବାର କୌଣସି ଉପାୟ । ଭାରତର ଦରିଦ୍ର, ପତିତ ଏବଂ ପାପୀମାନଙ୍କର କେହି ସାଥୀ ନାହାନ୍ତି, କୌଣସି ସହାୟକ ନାହାନ୍ତି । ସେମାନେ ଦିନକୁ ଦିନ ଅଧିକ ତଳକୁ ଯାଉଛନ୍ତି । ନିଷ୍ଠୁର ସମାଜ ତାଙ୍କ ଉପରେ ଯେଉଁ ପ୍ରହାର କରୁଛି, ତା'ର ଅନୁଭବ ତ ସେମାନଙ୍କର ବହୁତ ହେଉଛି କିନ୍ତୁ ସେମାନେ ଜାଣିପାରୁ ନାହାନ୍ତି ଏହି ପ୍ରହାର କେଉଁଠାରୁ ଆସୁଛି । ସେମାନେ ଭୁଲିଗଲେଣି ଯେ ସେମାନେ ମନୁଷ୍ୟ ଅଟନ୍ତି । ଏହାର ଫଳ ହେଉଛି ଗୋଲାମି ଓ ପଶୁତ୍ୱ । ଚିନ୍ତାଶୀଳ ଲୋକମାନେ ଗତ କେତେବର୍ଷ ଧରି ସମାଜର ଏହି ଦୁର୍ଦ୍ଦଶାକୁ ବୁଝୁଛନ୍ତି, ମାତ୍ର ଦୁର୍ଭାଗ୍ୟବଶତଃ ସେମାନେ ଏହାର ଦୋଷ ହିନ୍ଦୁଧର୍ମ ଉପରେ ଲଦି ଦେଉଛନ୍ତି । ସେମାନେ ଭାବୁଛନ୍ତି ଯେ ବିଶ୍ୱର ସର୍ବଶ୍ରେଷ୍ଠ ଏହି ଧର୍ମ ଶେଷ ହୋଇଯିବା ହିଁ ସମାଜ ଉନ୍ନତିର ଏକମାତ୍ର ଉପାୟ । ବନ୍ଧୁ ଶୁଣ, ପ୍ରଭୁଙ୍କ କୃପା ହେତୁ ମୋତେ ଏହାର ରହସ୍ୟ ଜଣାପଡ଼ିଛି । ଦୋଷ ଧର୍ମରେ ନାହିଁ । ଅପରନ୍ତୁ ତୁମର ଧର୍ମ ତୁମକୁ ଶିଖାଉଛି ଯେ ସଂସାରର ସମସ୍ତ ପ୍ରାଣୀ ତୁମର ଆତ୍ମାର ବିଭିନ୍ନ ରୂପ ଅଟନ୍ତି । ସମାଜର ଏପରି ଦୁସ୍ଥ ଅବସ୍ଥାର ଏକମାତ୍ର କାରଣ, ଏହି ତତ୍ତ୍ୱ କୁ ବ୍ୟାବହାରିକ ଆଚରଣରେ ନ ଆଣିବା – ସହାନୁଭୂତିହୀନତା ଓ ହୃଦୟହୀନତା । ...ସମାଜର ଏ ଅବସ୍ଥାକୁ ଦୂର କରିବାକୁ ହେବ କିନ୍ତୁ ଧର୍ମକୁ ବିନାଶ କରି ନୁହେଁ, ବରଂ ହିନ୍ଦୁଧର୍ମର ମହାନ୍ ଉପଦେଶକୁ ଅନୁସରଣ କରି ଏବଂ ଏହା ସହିତ ହିନ୍ଦୁଧର୍ମର ସ୍ୱାଭାବିକ ବିକାଶ ପାଇଁ ବୌଦ୍ଧଧର୍ମର ଅପୂର୍ବ ସହୃଦୟତାକୁ ଗ୍ରହଣ କରି .....ପୃଥିବୀରେ ଏପରି କୌଣସି ଧର୍ମ ନାହିଁ, ଯାହା ହିନ୍ଦୁ ଧର୍ମ ପରି ଏତେ ଉଚ୍ଚକଣ୍ଠରେ ମାନବାତ୍ମାର ମହିମାକୁ ଘୋଷଣା କରିଛି ଏବଂ ପୃଥିବୀରେ ଏପରି କୌଣସି ଧର୍ମ ନାହିଁ, ଯାହା ହିନ୍ଦୁ ଧର୍ମରେ ଗରିବ ଓ ନିମ୍ନ ଜାତିଙ୍କର ସ୍ୱରକୁ ନିଷ୍ଠୁର ଭାବରେ ଦବାଇ ଚାଲିଛି । ଈଶ୍ୱର ମୋତେ ଦେଖାଇ ଦେଇଛନ୍ତି ଯେ ଏଥିରେ ଧର୍ମର କୌଣସି ଦୋଷ ନାହିଁ ବରଂ ଦୋଷ ସେଇମାନଙ୍କର ଯେଉଁମାନେ ହିନ୍ଦୁଧର୍ମର ଅନ୍ତର୍ଭୁକ୍ତ ହୋଇ ମଧ୍ୟ ଅହଂକାରୀ ଓ ଛଳନାକାରୀ ଅଟନ୍ତି, ଯେଉଁମାନେ ପରମାର୍ଥିକ ଏବଂ ବ୍ୟାବହାରିକ ତତ୍ତ୍ୱ କୁ ନେଇ ଅନେକ ପ୍ରକାର ଅତ୍ୟାଚାର କରନ୍ତି ।'

ସ୍ୱାମୀଜୀଙ୍କର ଏ ବକ୍ତବ୍ୟରୁ ସ୍ପଷ୍ଟ ଯେ ସେ ପାଶ୍ଚାତ୍ୟ ଜଗତର ଧର୍ମ, ଦର୍ଶନ ଓ ରୀତିନୀତିର ସୂକ୍ଷ୍ମ ଅନୁଧ୍ୟାନ କରି ଭାରତବର୍ଷରେ ଦେଖା ଦେଇଥିବା ବ୍ୟାଧିର ଉପଶମ ପାଇଁ ଚିକିତ୍ସାର ବ୍ୟବସ୍ଥା କରିଥିଲେ । ଏହା ତାଙ୍କର ମୌଳିକ ବୈଶିଷ୍ଟ୍ୟ । ସେ ବିଚାର କରିଥିଲେ ସାମାଜିକ ଦୁର୍ନୀତି ଓ ଶୋଷଣ ଇତ୍ୟାଦି ପାଇଁ ଧର୍ମକୁ ଦାୟୀ କରିବା ସଠିକ୍

ନୁହେଁ, ବରଂ ଏଥିପାଇଁ ଉତ୍ତରଦାୟୀ କ୍ଷମତାରେ ଥିବା ଶାସକ ଓ ପୁରୋହିତ ବର୍ଗଙ୍କର ସ୍ୱାର୍ଥପରତା ।

ସ୍ୱାମୀଜୀ ଆଲସିଙ୍ଗା ପେରୁମଲଙ୍କୁ ପତ୍ରରେ ଅର୍ଥର ଅଭାବ ସୂଚିତ କରିବା ସହିତ ଅର୍ଥ ପଠାଇବା ପାଇଁ ଅନୁରୋଧ କରିଥିଲେ । ପତ୍ର ପାଇଁ ଆଲସିଙ୍ଗା ତିନିଶହ ଟଙ୍କା ଓ ଖେତଡ଼ି ମହାରାଜା ୫ ଶହ ଟଙ୍କା ପଠାଇଥିଲେ ।

ବୋଷ୍ଟନ୍‌ଠାରେ ଥିବା ସମୟରେ ସ୍ୱାମୀଜୀ ଅନେକଗୁଡ଼ିଏ ସଭାରେ ବକ୍ତୃତା ପ୍ରଦାନ କରି ନିଜର ଭବିଷ୍ୟତ ଯୋଜନାର ଭିତ୍ତି ଆରମ୍ଭ କଲେ । ପ୍ରଫେସର ରାଇଟ୍‌ଙ୍କ ସହିତ ତାଙ୍କର ପରିଚୟ ତାଙ୍କୁ ଚିକାଗୋ ଧର୍ମ ମହାସଭାରେ ଯୋଗଦାନ କରିବାର ମାର୍ଗକୁ ସଫଳ କରିଥିଲା । ପ୍ରଫେସର ରାଇଟ୍ କହିଥିଲେ, ଏହି ବିରାଟ ଜାତି ସହିତ ପରିଚିତ ହେବାର ଆପଣଙ୍କ ପାଇଁ ଏହା ଏକ ସୁଯୋଗ । ଆପଣଙ୍କୁ ପରିଚୟପତ୍ର ମାଗିବା ଅର୍ଥ ହେଉଛି ସୂର୍ଯ୍ୟଙ୍କୁ ତାଙ୍କର ଆଲୋକ ପ୍ରଦାନ କରିବାର ଅଧିକାର କିଏ ଦେଲା ବୋଲି ପ୍ରଶ୍ନ କରିବା ସହିତ ସମାନ ।'' ସେ ନିଜେ ପ୍ରତିନିଧି ସଭାର ସଚିବଙ୍କ ନାମରେ ଚିଠି ଲେଖିଲେ । ଚିଠିରେ ଲେଖା ଥିଲା, 'ଏ ହେଉଛନ୍ତି ଏପରି ଜଣେ ବିଦ୍ୱାନ୍, ଯାହାଙ୍କ ସହିତ ଆମର ସମସ୍ତ ପ୍ରଫେସର ଏକତ୍ର ହେଲେ ମଧ ସମାନ ହୋଇପାରିବେ ନାହିଁ ।

ସ୍ୱାମୀଜୀ ଚିକାଗୋ ଅଭିମୁଖେ ଯାତ୍ରା କଲେ । ଚିକାଗୋ ଷ୍ଟେସନରେ ଓହ୍ଲାଇବା ପରେ ଦେଖିଲେ ଅଧିବେଶନର ସମ୍ପାଦକ ଡକ୍ଟର ବରୋଜଙ୍କ ଠିକଣାଟି ହଜିଯାଇଛି । ରାତ୍ର ସମୟ, ଅଗତ୍ୟା ଅସହାୟ ଅବସ୍ଥାରେ ସ୍ୱାମୀଜୀ ଏକ ପରିତ୍ୟକ୍ତ ରେଳଡ଼ବା ମଧ୍ୟରେ ରାତିରେ ଆଶ୍ରୟ ଗ୍ରହଣ କଲେ । ତା' ପରଦିନ ସକାଳେ ନିଦ୍ରାଭଙ୍ଗ ହେବା ପରେ ସେ ସୁଶୋଭିତ ରାଜମାର୍ଗରେ ଚାଲିବାକୁ ଲାଗିଲେ । କ୍ଷୁଧାରେ ଜର୍ଜରିତ ସ୍ୱାମୀଜୀ ଅନ୍ନ ପାଇଁ ଓ ମହାସଭାର ସ୍ଥାନ ସମ୍ପର୍କରେ ଦ୍ୱାର ଦ୍ୱାର ଭିକ୍ଷୁକ ପରି ବୁଲିବାକୁ ଲାଗିଲେ । କିନ୍ତୁ ସବୁଠାରେ ପାଇଲେ ନିରାଶାର ସ୍ୱର, କର୍କଶ ଓ ରୁକ୍ଷ ବ୍ୟବହାର । କ୍ଳାନ୍ତ, ଶ୍ରାନ୍ତ ସ୍ୱାମୀଜୀ ରାସ୍ତା ପାର୍ଶ୍ୱରେ ବସିଗଲେ ଏବଂ ଈଶ୍ୱରଙ୍କ ନିର୍ଦ୍ଦେଶ ଉପରେ ସବୁକିଛି ଛାଡ଼ିଦେଲେ । ହଠାତ୍ ସମ୍ମୁଖ ଗୃହର ଦ୍ୱାର ଖୋଲିଗଲା ଏବଂ ଜଣେ ମହିଳା ସ୍ୱାମୀଜୀଙ୍କ ନିକଟକୁ ଆସି ଅତ୍ୟନ୍ତ ମୃଦୁ ସ୍ୱରରେ ପଚାରିଲେ, 'ମହାଶୟ, ଆପଣ କ'ଣ ଧର୍ମ ମହାସଭାର ପ୍ରତିନିଧି ?' ସ୍ୱାମୀଜୀ ତାଙ୍କ ସମ୍ମୁଖରେ ନିଜର ସମସ୍ତ ସମସ୍ୟାକୁ ବ୍ୟକ୍ତ କଲେ । ସେ ସ୍ୱାମୀଜୀଙ୍କୁ ନିଜ ଗୃହକୁ ନେଇଗଲେ ଏବଂ ତାଙ୍କ ରହିବାର ସମସ୍ତ ବନ୍ଦୋବସ୍ତ କରି କହିଲେ ଯେ ସେ ତାଙ୍କୁ ଧର୍ମସଭା ସ୍ଥାନକୁ ନେଇଯିବେ । ସେହି ମହିଳା ଥିଲେ ଶ୍ରୀଯୁକ୍ତ ଜର୍ଜ ଡବ୍ଲ୍ୟୁ ହେଲଙ୍କର ପତ୍ନୀ ଶ୍ରୀମତୀ ହେଲ୍, ଯାହାଙ୍କୁ ସ୍ୱାମୀଜୀ 'ଫାଦର ପୋପ', 'ମଦର ଚର୍ଚ୍ଚ' ବୋଲି ସମ୍ବୋଧନ କରୁଥିଲେ ଏବଂ ତାଙ୍କର ଦୁଇ କନ୍ୟା ଓ ଦୁଇ ଭାଣିଜୀ ସ୍ୱାମୀଜୀଙ୍କର ଭଉଣୀ ହୋଇଯାଇଥିଲେ ।

ସ୍ୱାମୀଜୀ ଶ୍ରୀମତୀ ହେଲ୍‌ଙ୍କ ସହିତ ମହାସଭାର କାର୍ଯ୍ୟାଳୟରେ ପହଞ୍ଚିଲେ ଏବଂ ପ୍ରଫେସର ରାଇଟ୍ ଦେଇଥିବା ପରିଚୟ ପତ୍ର ପ୍ରଦାନ କଲେ । ସେ ଧର୍ମ ମହାସଭାର ପ୍ରତିନିଧି ଭାବେ ସ୍ୱୀକୃତ ହେଲେ । ତାଙ୍କର ରହିବାର ବ୍ୟବସ୍ଥା ୨୬୨, ମିଚିଗନ ଆଭେନ୍ୟୁରେ ଥିବା ଶ୍ରୀଯୁକ୍ତ ଜେ.ବି. ଲ୍ୟୋନଙ୍କ ଗୃହରେ ହୋଇଥିଲା । ଶ୍ରୀଯୁକ୍ତ ଲ୍ୟୋନଙ୍କ ନାତୁଣୀ ଶ୍ରୀମତୀ କାନେଲିୟା କୋଙ୍ଗରଙ୍କ ସ୍ୱାମୀଜୀଙ୍କ ରହିବା ସମ୍ପର୍କରେ ନିମ୍ନମତେ ଉଲ୍ଲେଖ କରିଥିଲେ ।

''ମହାସଭାର ଅଧିବେଶନ ପାଇଁ ବିଭିନ୍ନ ସମ୍ପ୍ରଦାୟର ଯେଉଁମାନଙ୍କୁ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା, ସେମାନେ ପ୍ରତିନିଧିମାନଙ୍କୁ ନିଜ ନିଜ ଘରେ ଅତିଥି ଭାବରେ ରଖିବାକୁ ସହମତ ପ୍ରକାଶ କରିଥିଲେ । ମୋର ଅଜା ଧର୍ମାନ୍ଧତାକୁ ନାପସନ୍ଦ କରୁଥିଲେ ମଧ ଦର୍ଶନ ସମ୍ପର୍କରେ ଆଗ୍ରହ ରଖୁଥିଲେ । ତେଣୁ ମୋର ଆଈ ଏପରି ଜଣେ ପ୍ରତିନିଧିଙ୍କୁ ଅତିଥି ଭାବରେ ପାଇବାକୁ ଇଚ୍ଛା ପ୍ରକାଶ କରିଥିଲେ, ଯାହାଙ୍କର ଦୃଷ୍ଟିକୋଣ ଥିବ ଅତ୍ୟନ୍ତ ଉଦାର । ସେହି ସମୟରେ ଆମ ଘରେ ଅତିଥି ଭର୍ତ୍ତି ହୋଇଥିଲେ, କାରଣ ମୋର ଅଜା ଓ ଆଈ ଅତ୍ୟନ୍ତ ଅତିଥି ପରାୟଣ

ଥିଲେ ଏବଂ ବିଶ୍ୱମେଳା ଅତ୍ୟନ୍ତ ଉତ୍ସାହବର୍ଦ୍ଧକ ଓ ଅଦ୍ଭୁତ ଥିଲା । ଆମକୁ ଯେତେବେଳେ ଖବର ମିଳିଲା ଯେ ଆମର ଅତିଥି ସନ୍ଧ୍ୟାକୁ ଆସିବେ, ସେତେବେଳେ ଆମ ଘରେ ଏତେ ସ୍ଥାନର ଅଭାବ ଥିଲା ଯେ ମୋର ଆଈ ତାଙ୍କର ମଝିଆ ପୁଅକୁ ଘରଛାଡ଼ି ଜଣେ ବନ୍ଧୁ ଘରକୁ ଯିବାକୁ କହିଲେ । ସମ୍ବାଦ ମିଳିଲା ଯେ, ଆମ ସମ୍ପ୍ରଦାୟ – ଫର୍ଷ୍ଟ ପ୍ରେସବିଟେରିୟନ ଚର୍ଚ୍ଚର ଜଣେ ସଦସ୍ୟ ଅର୍ଦ୍ଧରାତ୍ରକୁ ଅତିଥିଙ୍କୁ ନେଇ ଆସିବେ । ଆଈଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଶୋଇପଡ଼ିଲେ । ଦ୍ୱାର ଘଣ୍ଟି ଶବ୍ଦ ଶୁଣି ସେ ଯେତେବେଳେ ଦ୍ୱାର ଖୋଲିଲେ ସେ ଲମ୍ବା ଗେରୁଆ ପଞ୍ଜାବୀ ପିନ୍ଧିଥିବା ସ୍ୱାମୀ ବିବେକାନନ୍ଦଙ୍କୁ ଦେଖି ସ୍ତମ୍ଭୀଭୂତ ହୋଇଗଲେ । ଏହା ପୂର୍ବରୁ ସେ କେବେ କୌଣସି ଭାରତୀୟଙ୍କୁ ଦେଖିନଥିଲେ । ସେ ସ୍ୱାମୀଜୀଙ୍କୁ ଆଦର ସହକାରେ ନେଇ ତାଙ୍କ କୋଠରି ଦେଖାଇଦେଲେ । କିନ୍ତୁ ଶୋଇବାକୁ ଯିବା ପୂର୍ବରୁ ତାଙ୍କ ମନରେ ଚିନ୍ତା ହେଲା । ଆମର ଅନେକ ଅତିଥି ଦକ୍ଷିଣ ରାଜ୍ୟରୁ ଆସିଥିଲେ, ଯେଉଁମାନେ କେବଳ ଶ୍ୱେତାଙ୍ଗମାନଙ୍କ ସହିତ ମିଶିବାକୁ ପସନ୍ଦ କରୁଥିଲେ । ଅଜାଙ୍କର ନିଦ ଭାଙ୍ଗିବା ପରେ ସେ ତାଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇ ପଚାରିଲେ କ'ଣ ସେ ସ୍ୱାମୀଜୀ ଓ ଶ୍ୱେତାଙ୍ଗ ଅତିଥିମାନଙ୍କୁ ଏକାସାଙ୍ଗରେ ରଖିବେ ? ନଚେତ୍ ସ୍ୱାମୀଜୀଙ୍କୁ ଘର ନିକଟସ୍ଥ ଅଡ଼ିଟୋରିୟମ୍ ହୋଟେଲରେ ରଖାଯାଇପାରେ । ଜଳଖିଆ ଖାଇବା ଅଧଘଣ୍ଟାଏ ପୂର୍ବରୁ ଅଜା ଲୁଗାପଟା ପିନ୍ଧି ପୁସ୍ତକାଳୟ ଗୃହକୁ ଖବରକାଗଜ ପଢ଼ିବାକୁ ଗଲେ । ସେଠାରେ ତାଙ୍କର ସ୍ୱାମୀଜୀଙ୍କ ସହିତ କଥାବାର୍ତ୍ତା ହେଲା ଏବଂ ଜଳଖିଆ ଖାଇବା ପୂର୍ବରୁ ସେ ଆଈଙ୍କୁ କହିଲେ, 'ଏମିଲି, ଆମର ସମସ୍ତ ଅତିଥି ଚାଲିଗଲେ ମଧ ମୋର ଚିନ୍ତା ନାହିଁ । ଆମ ଘରକୁ ଏପର୍ଯ୍ୟନ୍ତ ଯେତେ ଲୋକ ଆସିଛନ୍ତି, ସେମାନଙ୍କ ମଧ୍ୟରୁ ଏହି ଭାରତୀୟ ସବୁଠାରୁ ବୁଦ୍ଧିମାନ୍ ଏବଂ ଉଦାର ହୃଦୟ ଏବଂ ସେ ଯେପର୍ଯ୍ୟନ୍ତ ରହିବେ ସେପର୍ଯ୍ୟନ୍ତ ଏଠାରେ ରହିବେ ।' ସେବେଠାରୁ ସେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତାର ସୂତ୍ରପାତ ହେଲା ଏବଂ ତାହାର ଫଳସ୍ୱରୂପ ସ୍ୱାମୀଜୀ ଚିକାଗୋ କ୍ଲବ୍‌ରେ ଅନ୍ୟ ବନ୍ଧୁମାନଙ୍କ ସମ୍ମୁଖରେ କହିଥିଲେ, ''ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ଯେତେ ଲୋକଙ୍କ ସହିତ ମିଶିଛି ମୋର ବିଶ୍ୱାସ ଯେ ଏମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଲ୍ୟୋନ ସବୁଠାରୁ ଅଧିକ ଯୀଶୁଙ୍କ ପରି ।'' ଏହା ଶୁଣି ଅଜା ଅତ୍ୟନ୍ତ ସଙ୍କୋଚ ଅନୁଭବ କରିଥିଲେ । ସ୍ୱାମୀଜୀଙ୍କର ମୋର ଆଈଙ୍କ ପ୍ରତି ଅତ୍ୟନ୍ତ ଶ୍ରଦ୍ଧା ଥିଲା କାରଣ ତାଙ୍କୁ ଦେଖିବା ମାତ୍ରେ ସ୍ୱାମୀଜୀଙ୍କର ନିଜ ମା'ଙ୍କର ସ୍ମୃତି ମନେ ପଡୁଥିଲା । ମୁଁ ସେସମୟରେ ମାତ୍ର ଛ' ବର୍ଷର ଥିଲି ଏବଂ ମୋର ବିଧବା ମା'ଙ୍କ ସହିତ ସେହି ପରିବାରରେ ରହୁଥିଲି । ସ୍ୱାମୀଜୀ ମୋର ମା'ଙ୍କ ସହିତ କଥାବାର୍ତ୍ତା କରି ତାଙ୍କର ଦୁଃଖକୁ ଦୂର କରିବାକୁ ଚେଷ୍ଟା କରୁଥିଲେ । ମୋର ଅଜା ଓ ଆଈ ତାଙ୍କର ସମସ୍ତ ବକ୍ତୃତା ବେଳେ ଉପସ୍ଥିତ ରହୁଥିଲେ ।''

ଦିନେ ସ୍ୱାମୀଜୀ ମୋର ଆଈଙ୍କୁ କହିଲେ ଯେ ସେ ତାଙ୍କର ଆମେରିକା ଜୀବନରେ ସବୁଠାରୁ ବଡ଼ ପ୍ରଲୋଭନର ଶିକାର ହୋଇଛନ୍ତି । ଆଈ ତାଙ୍କୁ ଟିକିଏ ଚିଡ଼ାଇବାକୁ ପଚାରିଲେ, 'ଏହି ଝିଅଟି କିଏ ସ୍ୱାମୀଜୀ ?' ଏହା ଶୁଣି ଠୋ ଠୋ ହସି ସ୍ୱାମୀଜୀ କହିଲେ, 'ସେ ଝିଅ ନୁହେଁ, ତାହା ହେଉଛି ସଂଘ ଗଠନ ।' ପୁନଶ୍ଚ ତାହାକୁ ବୁଝାଇବାକୁ ଯାଇ କହିଲେ ଶ୍ରୀ ରାମକୃଷ୍ଣଙ୍କର ଶିଷ୍ୟମାନେ ଏକା ଏକା ଭ୍ରମଣ କରୁଛନ୍ତି ଏବଂ କୌଣସି ଗ୍ରାମରେ ପହଞ୍ଚିବା ପରେ ସେଠାରେ ଗୋଟିଏ ବୃକ୍ଷ ତଳେ ଆସନ ପକାଇ ବସୁଛନ୍ତି, ଉପଦେଶ ଦେବା ପାଇଁ କୌଣସି ଜିଜ୍ଞାସୁର ବାଟ ଚାହୁଁଛନ୍ତି । କିନ୍ତୁ ସେ ଆମେରିକା ଆସି ବୁଝିଗଲେ ଯେ ସଂଘବଦ୍ଧ ହୋଇ କାର୍ଯ୍ୟ କରିବାରେ କେତେ ଅଧିକ ସଫଳତା ମିଳିପାରେ । ପାଶ୍ଚାତ୍ୟ ଜଗତରେ ପହଞ୍ଚିବା ପରେ ଏହା ଥିଲା ସ୍ୱାମୀ ବିବେକାନନ୍ଦଙ୍କର ଅନୁଭୂତି, ଯାହାକୁ କଳ୍ପନା କରାଯାଇ ନପାରେ ।

ଗଜପତି ନଗର
ଭୁବନେଶ୍ୱର–୭୫୧୦୦୫